# ତାଞ୍ଜାଭୁର୍

**ସ୍ୱର୍ଣ୍ଣଲତା ମହାନ୍ତ**

ତାଞ୍ଜାଭୁର୍ ବା ତାଂଞ୍ଜର ଭାରତ ବର୍ଷର ପ୍ରାଚୀନ ଐତିହାସିକ ସହର ମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ଦକ୍ଷିଣ ଭାରତରେ ତାମିଲନାଡୁ ରାଜ୍ୟରେ ଅବସ୍ଥିତ । ଏହା ଏକ ସୁନ୍ଦର ଆକର୍ଷଣୀୟ ଐତିହାସିକ ଦର୍ଶନୀୟ ସ୍ଥାନ । ଏଥିପାଇଁ ଏଠାରେ ବର୍ଷର ସବୁ ସମୟରେ ଦେଶୀ ବିଦେଶୀ ପର୍ଯ୍ୟଟକ ମାନଙ୍କ ଭିଡ଼ ଜମେ । ଚେନ୍ନାଇରୁ ତାଜାଂଭୁର୍‌ର ଦୂରତା ୩୪୦ କି.ମି. ଏବଂ ତ୍ରିଚିଂ ବା ତିରୁଚିନ୍ନାପଲ୍ଲୀରୁ ମାତ୍ର ୬୦ କି.ମି. ଏହାର ନିକଟତମ ବିମାନ ବନ୍ଦର ତିରୁଚିନ୍ନାପଲ୍ଲୀ ଓ ଚେନ୍ନାଇ । ଚେନ୍ନାଇରୁ ବସ୍ ସେବା ଓ ରେଳସେବା ଉଭୟ ଉପଲବ୍ଧ । ଚେନ୍ନାଇରୁ ବସ୍‌ରେ ଆସିବା ବେଳେ ବାଟରେ ଶିବଙ୍କର ତାଣ୍ଡବନୃତ୍ୟ, ନଟରାଜ ମନ୍ଦିର, ଚିଦାୟରମ୍ ଓ କୁମ୍ଭେଶ୍ୱର ପୀଠ କୁମ୍ଭକତାମ୍ ପଡ଼େ । ପ୍ରଖ୍ୟାତ ଗାଣିତିଜ୍ଞ ଶ୍ରୀନିବାସ ରାମାନୁଜମ୍ କୁମ୍ଭକତାମ୍‌ର ଅଧିବାସୀ ଥିଲେ । ଏବେ ଶାସ୍ତ୍ର ବିଶ୍ୱବିଦ୍ୟାଳୟ ଶ୍ରୀନିବାସ ରାମାନୁଜମ୍ ସେଣ୍ଟର ନାମ୍ନୀ ଏକ ଶାଖା ପ୍ରସିଦ୍ଧ ଗାଣିତିଜ୍ଞଙ୍କ ସମ୍ମାନାର୍ଥେ ଏଠାରେ ଖୋଲିଛି ।

କୁମ୍ଭକତାମ୍‌ରୁ ତାଞ୍ଜାଭୁର୍ ଯାଏ ରାସ୍ତାର



ବ୍ରିହେଦେଶ୍ୱର ମନ୍ଦିର ବା ବିଗ୍ ଟେମ୍ପଲ୍

ଉଭୟପାର୍ଶ୍ୱ ଅଧିକାଂଶ ସମୟରେ ସବୁଜ ଦେଖାଯାଏ । ଏ ଅଞ୍ଚଳରୁ ପ୍ରଚୁର ଧାନ ଅମଳ ହୁଏ । ଏଥିପାଇଁ ତାଞ୍ଜାଭୁର୍‌କୁ ତାମିଲନାଡୁର ଭାତହାଣ୍ଡି କୁହାଯାଏ । ତ୍ରିଚିଂ ରୁ ପଞ୍ଜାଭୁର୍



ବିଗ୍ ଟେମ୍ପଲ୍ ପ୍ରବେଶ ଦ୍ୱାର

ଯାତ୍ରା ଅତି ମନୋରମ । ଯାତ୍ରା ସମୟରେରାସ୍ତାର ଉଭୟ ପାର୍ଶ୍ୱରେ ଛୋଟବଡ଼ ଉଦ୍ୟୋଗ National Institute of Technology (NIT Trichy), SASTRA University, Periyar University, PRIST University ଦେଖିବାକୁ ମିଳେ । ଭାରତ ବର୍ଷରେ ତାମିଲନାଡୁ ରାଜ୍ୟରେ ସର୍ବାଧିକ ବିଶ୍ୱବିଦ୍ୟାଳୟ (University) ଅଛି । ତ୍ରିଚିଂରେ ଶ୍ରୀ ରଙ୍ଗମ୍ ମନ୍ଦିର, ପାହାଡ଼ି ଦୁର୍ଗ, ସମୟପୁରମ୍ ମନ୍ଦିର ଆଦି ଦର୍ଶନୀୟ ସ୍ଥାନ ରହିଛି । ପ୍ରତି ମୁହୂର୍ତ୍ତରେ ଏଠାରୁ ତାଞ୍ଜାଭୁର ପର୍ଯ୍ୟନ୍ତ ବସ୍ ଉପଲବ୍ଧ । ତାମିଲନାଡୁର ବସ୍ ଭଡ଼ା ଅନ୍ୟ ରାଜ୍ୟ ତୁଳନାରେ କମ୍ । ବିଳାସପୂର୍ଣ୍ଣ ଯାତ୍ରା ପାଇଁ A/C, Non A/C, ଉଭୟ କିସମର ଟ୍ୟାକ୍ସି ମଧ୍ୟ ମିଳିଯିବ । ଚତୁର୍ଥ ବା ପଞ୍ଚତାରକା ହୋଟେଲ୍ କେବଳ ତ୍ରିଚିଂରେ ଉପଲବ୍ଧ । ତାଞ୍ଜାଭୁର୍‌ରେ ବିଳାସପୂର୍ଣ୍ଣ ରହଣି ପାଇଁ ତୃତୀୟ ତାରକା ଓ ସାଧାରଣ ରହିଣି ପାଇଁ ଭିନ୍ନ ଭିନ୍ନ ଛୋଟ ବଡ଼ ହୋଟେଲ ମିଳିଯିବ ।



ପୁରାଣ ଅନୁଯାୟୀ ଅତ୍ୟାଚାରୀ ଅସୁର ଶ୍ରୀ ନୀଳାମେଗାପେରୁମଲ୍ ତାଞ୍ଜାଆନ୍‌ର ବଧ ଶ୍ରୀ ଆନନ୍ଦବଲ୍ଲୀ ଅମନ୍ ଓ ବିଷ୍ଣୁ ଏହିସ୍ଥାନରେ କରିଥିଲେ । ଅସୁର ତାଞ୍ଜାଆନ୍‌ର ଶେଷ ଇଚ୍ଛା ଅନୁଯାୟୀ ଏହି ସ୍ଥାନର ନାମ କରଣ ତାଂଜାଭୁର୍ ରଖାଯାଇଛି । ଇତିହାସ ଅନୁଯାୟୀ ପର୍ଯ୍ୟାୟ କ୍ରମେ ଏଠାରେ ଚୋଳ, ଚେର, ପାଣ୍ଡ୍ୟ, ନାୟକ, ମରଠା ଏବଂ ଇଂରେଜ ମାନଙ୍କର ରାଜୁତି  ଥିଲା । ଚୋଳ ମାନଙ୍କର ଶାସନ କାଳ ନବମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତାଞ୍ଜାଭୁର୍ କଳା ସ୍ଥାପତ୍ୟ ଓ ସାହିତ୍ୟର ଚରମ ବିକାଶ ଘଟିଥିଲା ।

ଚୋଳ ରାଜା ରାଜାରାଜା ଚୋଳ ରାବ୍ରିହିଦେଶ୍ୱର ମନ୍ଦିର ବା Big Temple ନିର୍ମାଣ କରିଥିଲେ । ଏହା ରାଜାରାଜା ମନ୍ଦିର ନାମରେ ମଧ୍ୟ ବେଶ୍ ଜଣାଶୁଣା । ଏହି ମନ୍ଦିର ଆଜିମଧ୍ୟ ଯୌବନା । ପୂର୍ବେ ରାଜାମାନେ ରାଜ ଉଆସର ସୁରକ୍ଷା ପାଇଁ ରାଜପ୍ରସାଦ ଚାରିଆଡେ ଏକ ବିଶାଳ ପ୍ରାଚୀର ଏବଂ ପ୍ରାଚୀର ଚାରିଆଡ଼େ ଗଡ଼ଖାଇ ନିର୍ମାଣ କରୁଥିଲେ । Big Temple ରେ ମଧ୍ୟ ରାଜ ପ୍ରାସାଦ ଭଳି ସୁଉଚ୍ଚ ପ୍ରାଚୀର ଏବଂ ପ୍ରାଚୀର ଚାରିଆଡେ ଗଡ଼ଖାଇ ଦ୍ୱାରା ପରିବେଷ୍ଟିତ । ବର୍ତ୍ତମାନ ରାଜା ଶାସନ ନାହିଁ ଏଣୁ ଏହି ଗଡ଼ଖାଇ ବର୍ତ୍ତମାନ ଶୁଷ୍କ ଓ କିଛି ମାତ୍ରାରେ ପୋତି ହୋଇ ମୁକ ସାକ୍ଷୀ ପାଲଟି ଯାଇଛି । ଅତୀତର ପ୍ରବେଶ ଦ୍ୱାର ବା ମୁଖଶାଳା ସୁଉଚ୍ଚ ଏବଂ ଆକର୍ଷଣୀୟ । ଦକ୍ଷିଣ ଭାରତରେ ଅଧିକାଂଶ ମନ୍ଦିରର ଠିକ୍ ଏହିଭଳି ସୁଉଚ୍ଚ ଆକର୍ଷଣୀୟ କାରୁକାର୍ଯ୍ୟପୂର୍ଣ୍ଣ ପ୍ରବେଶ ଦ୍ୱାରା ଦେଖିବାକୁ ମିଳେ । ପ୍ରଥମ ଭ୍ରମଣକାରୀଙ୍କ ସ୍ମୃତିରେ ଏହା ପ୍ରକୃତ ମନ୍ଦିରର ଭ୍ରମ ସୃଷ୍ଟି କରେ ।

ପୁରା କାଳରେ ମନ୍ଦିର ଥିଲା ଏକ ଶିକ୍ଷାର ମାଧ୍ୟମ । ପୁରୀ, କୋଣାର୍କ ଭଳି ଏହି ମନ୍ଦିରର କାନ୍ଥରେ ଭାରତନାଟ୍ୟମ୍‌ର ୧୦୮ ଭଙ୍ଗୀ, ଶିବଙ୍କର ବିଭିନ୍ନ ନୃତ୍ୟ, ଶାସନ, ଯୁଦ୍ଧଯାତ୍ରା ଓ ଯୌନ କେଳିର ଦୃଶ୍ୟ ପଥର ଦେହରେ ନିହାଣ ମୁନର କାରୁକାର୍ଯ୍ୟ ସତେଅବା ଆଜିବି ଜୀବନ୍ତ । ଶିବଙ୍କ ଅନ୍ୟ ଏକ ନାମ ବିଘ୍ନେଶ୍ୱର । ଶିବଙ୍କ ସହସ୍ର ନାମ କେଉଁଠି କେଉଁ ନାମରେ ପୂଜା ପାଉଛନ୍ତି ସମସ୍ତ ନାମ ଜାଣିବା କଷ୍ଟସାଧ୍ୟ ।

ଏହି ମନ୍ଦିରରେ ବିଘ୍ନେଶ୍ୱରର ପୂଜା ପାଉଥିବାରୁ ଏହାର ନାମ ବିଘ୍ନେଶ୍ୱର ମନ୍ଦିର । ଏହାର ଉଚ୍ଚତା ୨୧୬ ଫୁଟ ଏଥିପାଇଁ ଏହାକୁ Big Temple ମଧ୍ୟ କୁହାଯାଏ ।